(D.R. Case No. 19/2026)

## ତହସିଲଦାରଙ୍କ କାର୍ଯ୍ୟାଳୟ, ମୋରଡା

ଇସ୍ତାହାର ନଂ ୧୬୦୩ / ତା ୦୨.୦୩.୨୦୨୬ ରିଖ

ଏତଦ୍ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ ନିମ୍ନ ଆବେଦନକାରୀଙ୍କୁ ହସ୍ତାନ୍ତର କରାଯିବାକୁ ପ୍ରସ୍ତାବ ମଞ୍ଜୁର ହୋଇଅଛି । ଏଥିରେ ଆବେଦନକାରୀଙ୍କ ନାମ, ଠିକଣା ଏବଂ ପ୍ରସ୍ତାବିତ ଜମିର ସବିଶେଷ ବିବରଣୀ ନିମ୍ନରେ ଉଲ୍ଲେଖ କରାଯାଇଅଛି । ଯେହେତୁ ଉକ୍ତ ଜମି ସରକାରୀ ସର୍ବସାଧାରଣ ଏବଂ କିସମ ରାସ୍ତା ଅଛି ତେଣୁ ତାହାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି ଖାତା ଏବଂ କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ

ମୌଜାର ନାମ - ଦାନ୍ତିଆମୁହାଁ ଥାନାର ନାମ- ବେତନଟୀ ନଂ- ୬୨

| ଖାତା ନଂ | ପ୍ଲଟ ନଂ | କିସମ | ରକବା | ପ୍ରସ୍ତାବିତ | ଆବେଦନକାରୀଙ୍କ ନାମ ଏବଂ ଠିକଣା |
|---|---|---|---|---|---|
| ୫୫୪ (ସର୍ବସାଧାରଣ) | ୮୮୮ | ଗୋଦଣ୍ଡା | ଏ୦.୦୪ | ଖାତା- ଆବାଦ ଯୋଗ୍ୟ ଅନାବାଦୀ କିସମ-ପତିତ | ଜଳ ସମ୍ପଦ ବିଭାଗ , ଓଡିଶା ସରକାର, ସୁବର୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି |
| | ୧୮୭୩ | | ଏ୦.୨୦ | | |
| | ୧୯୫୮ | | ଏ୦.୦୮ | | |
| | ୨୪୩୦ | | ଏ୦.୦୫ | | |
| | ୩୦୩୨ | | ଏ୦.୦୬ | | |
| | ୩୦୪୮ | | ଏ୦.୦୮ | | |
| ୫୫୫ (ରକ୍ଷିତ ) | ୮୭୨ | ବସ୍ତିଯୋଗ୍ୟ | ଏ୦.୨୧ | | |
| | ୯୦୮ | | ଏ୦.୮୦ | | |
| | ୧୨୭୮ | ଗୋଚର | ଏ୦.୨୦ | | |
| | ୨୪୪୦ | | ଏ୦.୦୨ | | |

| | | | | | |
|---|---|---|---|---|---|
| | ୨୪୫୧ | | ଏ୦ . ୪୩ | | |
| | ୩୦୩୧ | | ଏ୧.୨୦ | | |
| | ୩୦୪୩ | | ଏ୦ . ୫୩ | | |
| ମୋଟ | | | ଏ ୩.୯୦ | | |

ଏହାର ଏକକିତା ନକଲ ଦାନ୍ତିଆମୁହାଁ ମୌଜାରେ ଢେଙ୍ଗୁରା ଦ୍ଵାରା ଜାରି କରିବାକୁ ପଠାଗଲା ।

ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ, ମୋରଡା / ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଦାନ୍ତିଆମୁହାଁ / ରାଜସ୍ୱ ନିରୀକ୍ଷକ ଦାନ୍ତିଆମୁହାଁଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ମୋରଡା ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

ତହସିଲଦାର, ମୋରଡା